# NEWS CLIPPINGS

## ସିଭି ରମଣରେ ଆଲୋଚନାଚକ୍ର



ଭୁବନେଶ୍ୱର, ୨୧/୧୨: ସ୍ଥାନୀୟ ସି.ଭି. ରମଣ ଇଞ୍ଜିନିୟରିଂ କଲେଜ ପକ୍ଷରୁ 'ମ୍ୟାନ୍ ଆଣ୍ଡ୍ ମେସିନ୍ ଇଣ୍ଟର୍‌ଫେସ' ଶୀର୍ଷକ ଆନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନାଲ୍‌କୋର ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ଯାନ୍ତ୍ରିକ ପଦ୍ଧତିର ପ୍ରୟୋଗ ଦ୍ୱାରା ଯେଭଳି ମାନବ ସମ୍ବଳର ନିଯୁକ୍ତି ପ୍ରଭାବିତ ନ ହେବ ସେଥି ପାଇଁ ବୈଷୟିକ ଜ୍ଞାନ ଏବଂ ମାନବସମ୍ବଳ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଛି। ଶ୍ରୀ ଚାନ୍ଦ ଅନୁଷ୍ଠାନର ଅଧ୍ୟକ୍ଷ ସଞ୍ଜୀବ କୁମାର ରାଉତଙ୍କ ସହ ଏହାର କ୍ୟାମ୍ପସରେ ଥିବା ବିଭିନ୍ନ ଅତ୍ୟାଧୁନିକ ପରୀକ୍ଷାଗାର ବୁଲି ଦେଖିଥିଲେ।

The Sambad
22.12.2015